# ନେତାଜୀ ସିଟି କଲେଜ ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର



କଟକ,୭।୨(ଇମିସ): ରାଜାବାଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜ ଇତିହାସ ବିଭାଗ ପକ୍ଷରୁ 'ଐତିହ୍ୟ ଏବଂ ସାଂସ୍କୃତିକ ପର୍ଯ୍ୟଟନ-ଓଡ଼ିଶା: ଏକ ସଂକ୍ଷିପ୍ତ ଆଲୋଚନା' ଶୀର୍ଷକ ଏକ ପାଠଚକ୍ର ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ରୀନା ଘଡ଼େଇ ପାଠଚକ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡକ୍ଟର ରଭିସ୍ ମାଥ୍ୟୁ ଯୋଗ ଦେଇଥିଲେ। ଇତିହାସ ବିଭାଗ ମୁଖ୍ୟ ଡକ୍ଟର ହରପ୍ରିୟା ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ପାଠଚକ୍ର ସଂପର୍କରେ ଆଲୋକପାତ କରିଥିଲେ। କଲେଜର ସମସ୍ତ ଅଧ୍ୟାପକ/ଅଧ୍ୟାପିକା, ଦେବାଶିଷ ମହାନ୍ତି, ଡକ୍ଟର ସନ୍ତୋଷ କୁମାର ସାମଲଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ସ୍ୱୟଂପ୍ରଭା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

CUTTACK Edition

Page No 10 February 08, 2026